ମାନ୍ୟବର ଶ୍ରୀ ରଙ୍ଗନାଥ ମିଶ୍ର

ବନାମ

ଭାରତ ସଂଘ  ଏବଂ ଅନ୍ୟମାନେ

ଜୁଲାଇ 31,2003

[ଭି. ଏନ୍. ଖାରେ, ପ୍ରଧାନ ବିଚାରପତି, କେ. ଜି. ବାଲକ୍ରିଷ୍ଣନ ଏବଂ ଏସ୍. ବି. ସିହ୍ନା, ନ୍ୟାୟମୂର୍ତ୍ତିଦ୍ୱୟ]

*ଭାରତୀୟ ସମ୍ବିଧାନ, 1950:*

*ଅନୁଚ୍ଛେଦ 32 ଏବଂ 51-A - ମୌଳିକ କର୍ତ୍ତବ୍ୟ - ସଂଶୋଧନ ଏବଂ କାର୍ଯ୍ୟକାରିତା - ନାଗରିକମାନଙ୍କୁ ମୌଳିକ କର୍ତ୍ତବ୍ୟ ବିଷୟରେ ଶିକ୍ଷିତ କରିବା ପାଇଁ ରାଜ୍ୟକୁ ନିର୍ଦ୍ଦେଶନାମା ଜାରି କରିବା ପାଇଁ ସର୍ବୋଚ୍ଚ ନ୍ୟାୟଳୟଙ୍କୁ ଅନୁରୋଧ କରିବା ପାଇଁ ଏକ ପତ୍ର - ରିଟ୍ ପିଟିସନ୍ ଭାବରେ ବିବେଚନା କରାଯାଇଛି - ନାଗରିକମାନଙ୍କ ମୌଳିକ କର୍ତ୍ତବ୍ୟର କାର୍ଯ୍ୟକାରିତା ଉପରେ ଜେ. ଏସ. ବର୍ମା କମିଟିର ସୁପାରିଶକୁ ଗ୍ରହଣ କରି ସମ୍ବିଧାନର କାର୍ଯ୍ୟକାରିତାର ସମୀକ୍ଷା ପାଇଁ ଜାତୀୟ ଆୟୋଗଙ୍କ ସୁପାରିଶ - ନିର୍ଣ୍ଣୟ ଦିଆଗଲା, ଭାରତ ସରକାର ଆୟୋଗ/କମିଟିର ସୁପାରିସକୁ ଧ୍ୟାନରେ ରଖି ଏହାକୁ ଯଥାସମ୍ଭବ ଗମ୍ଭୀରତାର ସହ ବିଚାର କରିବେ ଏବଂ ଏହାକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବା ଲାଗି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବେ - ପତ୍ର ମାଧ୍ୟମରେ ଅଧିକାରିତା*

ଦେୱାନୀ ମୂଳ ଅଧିକାରିତା ରିଟ୍ ଆବେଦନ (ସି) ସଂଖ୍ୟା 239/1998 ।

ଭାରତୀୟ ସମ୍ବିଧାନର ଧାରା 32 ଅନୁଯାୟୀ।

କେ. ପରାସରନ, (ଏସି), ଜି. ଉମାପାଥି, (ଏସି) ପ୍ରତୀକ ଜାଲାନ, ସୁଶ୍ରୀ ଅନିଲ କଟିୟାର, ପି. ପରମେଶ୍ୱରନ, ରାଜୀବ ମେହେଟ୍ଟା, ସୁଶ୍ରୀ ମୋହନ ଲାଲ, ସୁଶ୍ରୀ କୃତି ରେନୁ ମିଶ୍ର (ଏନପି), ରଞ୍ଜନ ମୁଖାର୍ଜୀ, ତାରା ଚନ୍ଦ୍ର ଶର୍ମା, ରାଜୀବ ଶର୍ମା, ସୁଶ୍ରୀ ନୀଲମ ଶର୍ମା, ରଣଜୀ ଥୋମାସ, ସୁଶ୍ରୀ ଭାରତୀ ଉପାଧ୍ୟାୟ, ଭି. ଏନ. ରଘୁପତି, ସୁଶୀଲ କୁମାର ଜୈନ, (ଏନ୍.ପି.), କେ.ଏଚ. ନବିନ୍ ସିଂହ, ଏସ୍ .ୱାସିମ ଏ. କାଦରୀ, ଏସ୍. କେ. ଦ୍ୱିବେଦୀ, ଦୀପକ କୁମାର ସିଂହ, ଅଜୟ କେ. ଅଗ୍ରୱାଲ (ଏନ୍.ପି.), ସୁଶ୍ରୀ ଚିତ୍ରା ମାର୍କଣ୍ଡୟ (ଏନ୍.ପି.), ଅଶୋକ ମାଥୁର (ଏନ୍.ପି.), ଜେ.ଏସ୍. ଅତ୍ରି, ଏଡି. ହିମାଚଳ ପ୍ରଦେଶର ମହା

ଅଧିବକ୍ତା ନରେଶ୍ କେ. ଶର୍ମା (ଏନ୍.ପି.), କେ.ଆର୍. ସସିପ୍ରାବୁ, ଜି. ପ୍ରକାଶ (ଏନ୍.ପି.), ସଞ୍ଜୟ ଆର୍. ହେଗଡେ, ଜି. ସତ୍ୟ ମିତ୍ର, ଅନୀଲ କେ. ମିଶ୍ର, ସତୀଶ କେ. ଅଗ୍ନିହୋତ୍ରୀ, କେ. ରାମ କୁମାର (ଏନ୍.ପି.), ସୁଶ୍ରୀ କ୍ରିଷ୍ଣା ଶର୍ମା, ସୁଶ୍ରୀ ଆଶା ଜି. ନାୟାର, ଭି. କେ. ସିଦାଥରନ୍, ସୁଶ୍ରୀ ଏ. ସୁଭାଶିନୀ, ଭି. ଜି. ପ୍ରଗସମ, କୁମାର ରାଜେଶ ସିଂ, ବି. ବି. ସିଂ, ସୁଶ୍ରୀ ହେମନ୍ତିକା ୱାହି, ସୁଶ୍ରୀ ମୋନିକା ବାପନା, ଅନୀଲ ଶ୍ରୀବାସ୍ତବ , ଏସ୍. ଭି. ଦେଶପାଣ୍ଡେ, ଏସ୍. ଏସ୍. ସିନ୍ଦେ, ମୁକେଶ କେ. ଗିରି, ପ୍ରବୀଣ କୁମାର ରାୟ, ମହାବୀର ସିଂହ (ଏନ୍.ପି.), ସଞ୍ଜୟ କେ. ଶାଣ୍ଡିଲ୍ୟ, ସୁଶ୍ରୀ ଭି.ଡି. ଖାନ୍ନା, ଅନି ସୋହରାୱାର୍ଦୀ, ପି.ଏନ୍. ରାମଲିଙ୍ଗମ୍, ଭି.ବାଲାଜୀ, ଏ. ମାରିୟାରପୁଥମ, ସୁଶ୍ରୀ ଅରୁଣା ମାଥୁର, ଏସ୍. ଏସ୍. ଗୁଲାଟି ଏବଂ ଆର୍.ଏସ୍. ସୁରୀ ଉପସ୍ଥିତ ଥିବା ପକ୍ଷ ମାନଙ୍କ ପାଇଁ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଏଠାରେ ଆବେଦନକାରୀ ଦ୍ୱାରା ଭାରତର ପ୍ରଧାନ ବିଚାରପତିଙ୍କୁ ଲିଖିତ ଏକ ଚିଠିରେ ଏହି ଅଦାଲତଙ୍କୁ ଅନୁରୋଧ କରାଯାଇଛି ଯେ ମୌଳିକ କର୍ତ୍ତବ୍ୟ ପ୍ରସଙ୍ଗରେ ନାଗରିକମାନଙ୍କୁ ଶିକ୍ଷିତ କରିବା ପାଇଁ ରାଜ୍ୟକୁ ଆବଶ୍ୟକ ନିର୍ଦ୍ଦେଶ ଜାରି କରନ୍ତୁ ଯାହା ଦ୍ୱାରା ଅଧିକାର ଏବଂ କର୍ତ୍ତବ୍ୟ ମଧ୍ୟରେ ଏକ ସଠିକ୍ ସନ୍ତୁଳନ ଦୃଶ୍ୟମାନ ହୋଇପାରିବ, ଏହାକୁ ଏକ ରିଟ୍ ଆବେଦନ ଭାବରେ ବିବେଚନା କରାଯାଇଥିଲା । ଏହି ଅଦାଲତ ବରିଷ୍ଠ ଓକିଲ ଶ୍ରୀ କେ. ପରାସରଣଙ୍କୁ ନ୍ୟାୟ ମିତ୍ର ଭାବେ ନିଯୁକ୍ତ କରିଥିଲେ ।

ଏହି ଆବେଦନରେ *ବିଜୋ ଇମାନୁଏଲ୍ ବନାମ କେରଳ ରାଜ୍ୟ*, [1986] 3 ଏସ. ସି. ସି. 615 ମାମଲାରେ ଏହି ଆଦାଲତ ଦ୍ୱାରା ଦିଆଯାଇଥିବା ଏକ ନିର୍ଣ୍ଣୟର ସଠିକତା ସମ୍ପର୍କରେ ପ୍ରଶ୍ନ ଉଠାଯାଇଥିଲା ଓ ପୁନର୍ବିଚାରଣ ଆବଶ୍ୟକ ବୋଲି ଦର୍ଶାଯାଇଥିଲା, ତେଣୁ ଏହି ମାମଲାକୁ ୯ ଏପ୍ରିଲ୍ 2001 ରେ ଜାରି ହୋଇଥିବା ଆଦେଶ ଅନୁସାରେ ସାମ୍ବିଧାନିକ ବିଚାରପୀଠ ସମ୍ମୁଖରେ ତାଲିକାଭୁକ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ତେବେ, 21 ନଭେମ୍ବର, 2001ରେ ଏକ ସାମ୍ବିଧାନିକ ବିଚାରପୀଠ 19 ଫେବୃଆରୀ, 2001 ଏବଂ 9 ଏପ୍ରିଲ, 2001ରେ ଦିଆଯାଇଥିବା ଆଦେଶ କୁ ପ୍ରତ୍ୟାହାର କରିନେଇଥିଲେ ଏବଂ ଏହି ମାମଲାକୁ ତିନି ଜଣ ବିଚାରପତିଙ୍କ ଏକ ବିଚାରପୀଠ ସମ୍ମୁଖରେ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ତଦନୁସାରେ ଏହି ମାମଲାକୁ ଏହି ବିଚାରପୀଠ ସମ୍ମୁଖରେ ରଖାଯାଇଛି ।

ଯେତେବେଳେ ଏହି ମାମଲା ଶୁଣାଣି ପାଇଁ ନିଆଯାଇଥିଲା, ବିଦ୍ୱାନ ନ୍ୟାୟ ମିତ୍ର ସମ୍ବିଧାନର କାର୍ଯ୍ୟକାରିତାର ସମୀକ୍ଷା ପାଇଁ ଜାତୀୟ ଆୟୋଗର ରିପୋର୍ଟକୁ ଆମ ଦୃଷ୍ଟିକୁ ଆଣିଥିଲେ,

ଯେଉଁଥିରେ ନାଗରିକଙ୍କ ମୌଳିକ କର୍ତ୍ତବ୍ୟ କାର୍ଯ୍ୟକାରିତା ଉପରେ 'ଜଷ୍ଟିସ୍ ଜେ. ଏସ୍. ବର୍ମା କମିଟି' ନାମରେ ଜଣାଶୁଣା ଏକ କମିଟି ଦ୍ୱାରା ପ୍ରସ୍ତୁତ ଏକ ରିପୋର୍ଟକୁ ଗ୍ରହଣ କରାଯାଇଛି ଏବଂ ଏହାର ଶୀଘ୍ର କାର୍ଯ୍ୟରେ ପରିଣତ କରିବା ପାଇଁ ଏକ ଦୃଢ ପରାମର୍ଶ ଦିଆଯାଇଛି । ଆୟୋଗ, ଅନ୍ୟ ବିଷୟଗୁଡ଼ିକ ମଧ୍ୟରେ ନିମ୍ନଲିଖିତ ସୁପାରିଶ କରନ୍ତି:

" 3. 40. 2 ଶିକ୍ଷା କେବଳ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ବିତାଇଥିବା ସମୟ ମଧ୍ୟରେ ସୀମିତ ନୁହେଁ । ଶିକ୍ଷା ଜନ୍ମରୁ ଅବଚେତନରେ ଆରମ୍ଭ ହୁଏ ଏବଂ ମୃତ୍ୟୁ ପର୍ଯ୍ୟନ୍ତ ଚାଲିଥାଏ । ଯିଏ କହେ ଯେ ତା 'ପାଖରେ ଆଉ କିଛି ଶିଖିବାର ନାହିଁ, ସେ ବାସ୍ତବରେ ମାନସିକ ଭାବେ ମୃତ । ଏଥିରୁ ଜଣାପଡ଼େ ଯେ ଘରେ ପିଲାଙ୍କ ଉପରେ ଯେଉଁ ପ୍ରଭାବ ପଡ଼ିଥାଏ ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପିତାମାତା ବୁଝିବା ଉଚିତ ଯେ ଶିକ୍ଷା ଘରୁ ଆରମ୍ଭ ହୁଏ, ସେମାନେ ଯେଉଁ ଉଦାହରଣ ସ୍ଥାପନ କରନ୍ତି, ଉତ୍ତମ ନାଗରିକ ସୃଷ୍ଟି କରିବା ପାଇଁ ଆବଶ୍ୟକ ଜ୍ଞାନ ଏବଂ ସହନଶୀଳତାର ପରିବେଶକୁ ଆନୁଷ୍ଠାନିକ ବିଦ୍ୟାଳୟ ଶିକ୍ଷା ସହିତ ଉପ-ଚୁକ୍ତି କରାଯାଇପାରିବ ନାହିଁ, ଯଦିଓ ଏହା ଗୁରୁତ୍ୱପୂର୍ଣ୍ଣ । ତେଣୁ ଏଭଳି ଯୋଜନା ପ୍ରସ୍ତୁତ କରାଯିବା ଦରକାର ଯେଉଁଥିରେ ଦେଶର ପ୍ରାଚୀନ ପରମ୍ପରା, ପ୍ରତ୍ୟେକ ଧର୍ମର ନିର୍ଯାତିତଙ୍କୁ ସ୍ୱାଗତ କରିବା, ସମସ୍ତ ଧର୍ମ ପ୍ରତି ସହିଷ୍ଣୁତା ଓ ସମ୍ମାନର ଭାବନା, ଏହି ଭୂଖଣ୍ଡର ଲୋକ ହେବା ଓ ଭାରତୀୟ ଭାବେ ପରିଗଣିତ ହେବା ପାଇଁ ଏକ ଗୌରବର ଭାବନା ସହିତ ସାମାଜିକ କାର୍ଯ୍ୟକଳାପରେ ଅଭିଭାବକମାନଙ୍କୁ ସାମିଲ କରାଯିବ । ଆମ ଗଣତନ୍ତ୍ରର ସର୍ବୋଚ୍ଚ ପଦ ହେଉଛି ନାଗରିକ ପଦ; ଏହା କେବଳ ଏକ କୌତୁହଳ ନୁହେଁ, ଏହା ବାସ୍ତବତାରେ ପରିଣତ ହେବା ଆବଶ୍ୟକ । ଏହି ପାର୍ଥକ୍ୟ ଭ୍ରମାତ୍ମକ ନୁହେଁ । ଏହି ଦେଶ ଏପର୍ଯ୍ୟନ୍ତ "ଏଥିରେ ମୋ ପାଇଁ କଣ ଅଛି?" — ଏହି ପ୍ରଶ୍ନ ଉପରେ ଆଧାରିତ ମନୋଭାବ ପ୍ରତି ଅତିରିକ୍ତ ଉପଭୋଗତା ଦେଖାଇଛି ।

ଶିକ୍ଷା ଏବଂ ନିଜସ୍ୱ ଲୋକମାନେ ପ୍ରତି ନିଃସ୍ୱାର୍ଥପରତା ଓ କର୍ତ୍ତବ୍ୟବୋଧ ବିକାଶ କରିବା ପ୍ରକ୍ରିୟା, "ମୋର କର୍ତ୍ତବ୍ୟ କେଉଁଠି ଅଛି?" ଏହି ପ୍ରଶ୍ନକୁ ପ୍ରେରଣା ଦେବା ଉଚିତ ।ଏହି ପରିବର୍ତ୍ତନ ଆମ ଦେଶକୁ ଶକ୍ତିଶାଳୀ, ଅପରାଜେୟ ଏବଂ ବିଶ୍ୱର ସମ୍ମାନ ହାସଲ କରିବାରେ ସକ୍ଷମ କରିବାର କ୍ଷମତା ରଖିଛି।

3. 40.3 (i) ଆୟୋଗ ସୁପାରିସ କରିଛନ୍ତି ଯେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଇଥିବା ପ୍ରଥମ ଓ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଉଛି ନାଗରିକମାନଙ୍କୁ ସମ୍ବେଦନଶୀଳ କରିବା ଏବଂ ଜଷ୍ଟିସ ବର୍ମା କମିଟି ଦ୍ୱାରା ସୁପାରିଶ କରାଯାଇଥିବା ମୌଳିକ କର୍ତ୍ତବ୍ୟ ବିଷୟରେ ନାଗରିକମାନଙ୍କ ମଧ୍ୟରେ ସାଧାରଣ ସଚେତନତା ସୃଷ୍ଟି କରିବା । କେଉଁ ସାଧନ ଦ୍ୱାରା ମୌଳିକ କର୍ତ୍ତବ୍ୟକୁ ଲୋକପ୍ରିୟ କରାଯାଇପାରିବ ଏବଂ ଫଳପ୍ରଦ କରାଯାଇପାରିବ; (ii) ଧର୍ମର ସ୍ୱାଧୀନତା ଏବଂ ସଂଖ୍ୟାଲଘୁ ଏବଂ ସାଥୀ ନାଗରିକଙ୍କ ଅଧିକାରକୁ ସମ୍ମାନ; (iii) ସମଗ୍ର ଶିକ୍ଷା ପ୍ରକ୍ରିୟାର ସଂସ୍କାର ଏକ ତୁରନ୍ତ କିନ୍ତୁ ଅପରିମିତ ଆବଶ୍ୟକତା, ଯେପରି ଏହାକୁ ସରକାରୀ କିମ୍ବା ରାଜନୈତିକ ନିୟନ୍ତ୍ରଣରୁ ମୁକ୍ତ କରିବାର ଆବଶ୍ୟକତା ରହିଛି; କେବଳ ଶିକ୍ଷା ମାଧ୍ୟମରେ ହିଁ ନାଗରିକ ଭାବରେ ଆମର ମୌଳିକ କର୍ତ୍ତବ୍ୟ ପାଳନ କରିବାର କ୍ଷମତା ରହିବ; ଏବଂ (iv) ନିର୍ବାଚନରେ ଭୋଟ୍ ଦେବା, ଗଣତାନ୍ତ୍ରିକ ଶାସନ ପ୍ରକ୍ରିୟାରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବା ଏବଂ ଟିକସ ପ୍ରଦାନ କରିବା କର୍ତ୍ତବ୍ୟ ଅନୁଚ୍ଛେଦ 51A ରେ ଅନ୍ତର୍ଭୁକ୍ତ ହେବା ଉଚିତ।"

ଜଷ୍ଟିସ ବର୍ମା କମିଟି "କାର୍ଯ୍ୟକାରିତା ସମୀକ୍ଷା" ଶୀର୍ଷକ "ମୂଖ୍ୟ ସୁପାରିସ" ଶୀର୍ଷକ ଅଧ୍ୟାୟରେ ନିଜର ସୁପାରିସଗୁଡ଼ିକରେ ନିମ୍ନଲିଖିତ ବିଷୟଗୁଡ଼ିକ ଉପରେ ଆଲୋକପାତ କରିଛନ୍ତି:

"ବ୍ୟକ୍ତିମାନେ ସାମାଜିକ ବ୍ୟବସ୍ଥା ଏବଂ ସେମାନେ ରହୁଥିବା ପରିବେଶର ନିର୍ଦ୍ଦେଶ ଅନୁସାରେ, ଆଦର୍ଶର ପ୍ରଭାବରେ, କିମ୍ବା ଆଇନର ଦଣ୍ଡାତ୍ମକ ବ୍ୟବସ୍ଥା ଯୋଗୁଁ କର୍ତ୍ତବ୍ୟ ପାଳନ କରନ୍ତି । ନାଗରିକମାନେ ତାଙ୍କର କର୍ତ୍ତବ୍ୟ ପାଳନ କରନ୍ତୁ ବୋଲି ବାଧ କରିବାକୁ, ଯେଉଁଠି ଆବଶ୍ୟକ, ସେଠାରେ ଉପଯୁକ୍ତ ଆଇନ ପ୍ରଣୟନ କରିବା ଆବଶ୍ୟକ ହୋଇପାରେ । ଯଦି ବିଦ୍ୟମାନ ଆଇନ ଆବଶ୍ୟକ ଶୃଙ୍ଖଳାକୁ କାର୍ଯ୍ୟକାରୀ କରିବା ପାଇଁ ପର୍ଯ୍ୟାପ୍ତ ନୁହେଁ, ତେବେ ଆଇନଗତ ଶୂନ୍ୟସ୍ଥାନ ପୂରଣ କରିବାର ଆବଶ୍ୟକତା ରହିଛି । ଯଦି ଆଇନ ପ୍ରଣୟନ ଏବଂ ନ୍ୟାୟିକ ନିର୍ଦ୍ଦେଶ ଉପଲବ୍ଧ ଥାଏ ଏବଂ ତଥାପି ନାଗରିକମାନଙ୍କ ଦ୍ୱାରା ମୌଳିକ କର୍ତ୍ତବ୍ୟ ଉଲ୍ଲଂଘନ ହୁଏ, ତେବେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଅନ୍ୟ ରଣନୀତି ଆବଶ୍ୟକ ହେବ ।

କେବଳ ଆଇନଗତ କଟକଣା ପ୍ରଦାନ କରିବା ଦ୍ୱାରା ନୁହେଁ, ବରଂ ଏହାକୁ ସାମାଜିକ କଟକଣା ସହିତ ଯୋଡ଼ିବା ଦ୍ୱାରା ଏବଂ ଉଦାହରଣମୂଳକ ରୋଲ୍ ମଡେଲ୍ ମାଧ୍ୟମରେ କାର୍ଯ୍ୟ ସମ୍ପାଦନକୁ ସୁଗମ କରିବା ଦ୍ୱାରା ଆଶାନୁରୂପ କାର୍ଯ୍ୟାନ୍ୱୟନଶୀଳତାକୁ ଆହୁରି ଭଲ ଭାବରେ

ହାସଲ କରାଯାଇପାରିବ । ଆଇନ ଦ୍ୱାରା ଲାଗୁ ଥିବା ବାଧ୍ୟତାର ଉପାଦାନଟି, ଯେତେବେଳେ ସାମାଜିକ ସ୍ୱୀକୃତି ପାଇବାକୁ ନିୟମମାନଙ୍କୁ ଅନୁସରଣ କରିବାର ସ୍ୱାଭାବିକ ଆଗ୍ରହ ସହିତ ମିଶିଯାଏ, ସେତେବେଳେ ନାଗରିକମାନେ ଏହି ପ୍ରକ୍ରିୟାରେ ସ୍ୱେଚ୍ଛାପୂର୍ଣ୍ଣ ଭାଗୀଦାର ହେବେ । ତେଣୁ ପ୍ରକୃତ କାର୍ଯ୍ୟ ହେଉଛି ଏପରି ଯୋଜନାର ପରିକଳ୍ପନା କରିବା ଯାହା ଏହି ଦୃଷ୍ଟିକୋଣ ଗୁଡିକର ଏକ ସମ୍ମିଶ୍ରଣ ଅଟେ ଯାହାଦ୍ୱାରା ସାଧାରଣ ନାଗରିକ ଏବଂ ବିଶେଷ କରି ଯୁବବର୍ଗଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମକୁ ସହଜରେ ଗ୍ରହଣ କରାଯାଇପାରିବ ।

କମିଟିର ଦୃଢ଼ ମତ ହେଉଛି ଯେ ଶିକ୍ଷାର ସମସ୍ତ ପର୍ଯ୍ୟାୟରେ ପାଠ୍ୟକ୍ରମରେ ବ୍ୟକ୍ତିର ମର୍ଯ୍ୟାଦାର ଗୁରୁତ୍ୱ ଏବଂ ବ୍ୟକ୍ତିର ବ୍ୟକ୍ତିତ୍ୱର ସାମଗ୍ରିକ ବିକାଶର ଉଦ୍ଦେଶ୍ୟ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ । ଏଥିପାଇଁ ନାଗରିକତା ମୂଲ୍ୟବୋଧ ପ୍ରତି ସଚେତନତାର ଆବଶ୍ୟକତା ରହିଛି, ଯାହା ଅଧିକାର ଏବଂ କର୍ତ୍ତବ୍ୟର ମିଶ୍ରଣ ଏବଂ ମିଳିତ ଭାବେ ସାମାଜିକ ଦାୟିତ୍ୱବୋଧକୁ ଜନ୍ମ ଦେଇଥାଏ । ଏହି ଧାରଣାକୁ ଆମ ଶିକ୍ଷା ପାଠ୍ୟକ୍ରମରେ ସାମ୍ବିଧାନିକ ମୂଲ୍ୟ ଭାବେ କାର୍ଯ୍ୟକାରୀ କରିବା ପାଇଁ ଏବଂ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ସହ-ପାଠ୍ୟକ୍ରମ କାର୍ଯ୍ୟକଳାପ ପାଇଁ ପଦ୍ଧତି ପ୍ରସ୍ତୁତ କରାଯିବା ଆବଶ୍ୟକ ।

ଉକ୍ତ ରିପୋର୍ଟରେ ନାଗରିକମାନଙ୍କ ମୂଳ କର୍ତ୍ତବ୍ୟ ପ୍ରତି ସଚେତନତା ଓ ଜାଗୃତି ସୃଷ୍ଟି କରିବା ପାଇଁ ଅଂଶଗ୍ରହଣ କରିବାର ଅଙ୍ଗୀକାର ଓ ପଦ୍ଧତି ସମ୍ପର୍କରେ ବିଭିନ୍ନ ସୁପାରିଶ ଦିଆଯାଇଛି ।

ଏହି ତଥ୍ୟକୁ ଧ୍ୟାନରେ ରଖି ଯେ ଭାରତ ସରକାର ଉପରୋକ୍ତ ଆୟୋଗ/କମିଟିର ସୁପାରିଶଗୁଡ଼ିକୁ ଧ୍ୟାନରେ ରଖିବେ, ଆମେ ଶ୍ରୀ କେ. ପରାସରଣଙ୍କ ସହ ସହମତ ଯେ କେନ୍ଦ୍ର ସରକାର ଏହାକୁ ଯଥାର୍ଥ ଆନ୍ତରିକତାର ସହ ବିଚାର କରିପାରିବେ ଏବଂ ସେହି ଅନୁଯାୟୀ ଆମେ ଏହାକୁ ନିର୍ଦ୍ଦେଶ ଦେଉଛୁ ଯେତେ ସତ୍ୱର ସମ୍ଭବ କାର୍ଯ୍ୟକାରିତା ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରନ୍ତୁ ।

ବର୍ତ୍ତମାନ ପରାମର୍ଶ ଅନୁଯାୟୀ, ଆମକୁ ଏହି ରିଟ୍ ପିଟିସନ୍ ରେ ଉଠାଯାଇଥିବା ଅନ୍ୟ ପ୍ରଶ୍ନଗୁଡ଼ିକ ଭିତରକୁ ଯିବାର ଆବଶ୍ୟକତା ନାହିଁ । ତେଣୁ ଏହି ରିଟ୍ ପିଟିସନର ଉପରୋକ୍ତ ସର୍ତ୍ତାବଳୀ ଅନୁଯାୟୀ ଫଏସଲା କରାଯାଇଥାଏ ।

ଏହି ମାମଲାରେ ବିଦ୍ୱାନ ନ୍ୟାୟ ମିତ୍ର ଶ୍ରୀ କେ. ପରାସରଣ, ବରିଷ୍ଠ ଅଧିବକ୍ତା ଓ ଶ୍ରୀ ଜି. ଉମାପାଥେ, ଅଧିବକ୍ତାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ମୂଲ୍ୟବାନ ସେବା ପ୍ରତି ଆମେ କୃତଜ୍ଞତା ପ୍ରକାଶ କରୁଛୁ ।

ଆର୍. ପି. ପିଟିସନର ଫଏସଲା ହେଲା।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର:
ଅନୁବାଦିକା:
ତପସ୍ୱିନୀ ବିଶ୍ୱାଳ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ,
କଟକ ।